# ସିଭି ରମଣରେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ କୁଳପତି



ଭୁବନେଶ୍ୱର, ୨୩।୧୨ (ନି.ପ୍ର)- କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ଡେଭିସ ୟୁଏସଏର କୁଳପତି ପ୍ରଫେସର ପ୍ରଶାନ୍ତ ମହାପାତ୍ର ସିଭି ରମଣ ଇଞ୍ଜିନିୟରିଂ କଲେଜରେ ଅନୁଷ୍ଠିତ ଏକ ସମ୍ମିଳନୀରେ ଯୋଗ ଦେଇଛନ୍ତି । ଉକ୍ତ ସମ୍ମିଳନୀରେ ସେ ଗବେଷଣାତ୍ମକ ବକ୍ତବ୍ୟ ଦେଇଛନ୍ତି । ଭବିଷ୍ୟତରେ ଗବେଷଣାମୂଳକ ଚୁକ୍ତି କରିବା ପାଇଁ ସିଭି ରମଣ କଲେଜର ଚେୟାରମ୍ୟାନ୍ ସଞ୍ଜୀବ କୁମାର ରାଉତ ଏବଂ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ କୁଳପତି ଶ୍ରୀ ମହାପାତ୍ରଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ସିଭି ରମଣ ଇଞ୍ଜିନିୟରିଂ କଲେଜର କମ୍ପ୍ୟୁଟର ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ବିଧୁଧେନ୍ଦୁ ପତି ପ୍ରଫେସର ମହାପାତ୍ରଙ୍କ ଶିକ୍ଷା ଓ ଗୌରବର ପ୍ରଶଂସା କରିଥିଲେ ।

The Samaj ୨୪.୧୨.୨୦୧୫